# କୃଷ୍ଣଚୂଡ଼ାର ରଂଗ

ସୁରମା ମୋର ପ୍ରେମିକା। ମୋର ଅପ୍ରାପ୍ତ ବୟସରେ ଯେତେବେଳେ ପ୍ରେମର ପରିଭାଷା ଜାଣିବାର ଅବକାଶ ନଥିଲା, ସେତେବେଳେ ମନେ ମନେ ମୁଁ ବୋଧହୁଏ ତାକୁ ପ୍ରେମ କରୁଥିଲି। ସେ ପ୍ରକୃତରେ ମୋତେ ଯେ ଭଲ ପାଉ ନଥିଲା ସେପରି ନୁହେଁ। ମାତ୍ର ଏପରି କୁହାଯାଇପାରେ ଯେ ଆମେ ପରସ୍ପରକୁ ଅତି ନିକଟରୁ ଦେଖୁଥିଲୁ, ଅତି ନିକଟରୁ ଚଳୁଥିଲୁ। ତେବେ ପରସ୍ପରକୁ ଭଲ ବି ପାଉଥିଲୁ। ଆଉଥରେ କହିରଖେ, ଆମ ବୟସର ସୀମା ସରହଦ ଯାହାଥିଲା ସେଥିରେ ଭଲ ପାଇବାର ମାନେ ବୋଧହୁଏ ଆମ ଅଭିଧାନ ବାହାରର ଶବ୍ଦ ନଥିଲା। ତଥାପି କୁହାଯାଇପାରେ ଯେ ଆମେ ଭଲ ପାଉଥିଲୁ ଓ ସ୍ନେହ ବି କରୁଥିଲୁ ପରସ୍ପରକୁ ।

ଜୀବନର ପ୍ରଥମ ସୋପାନ ମାନଙ୍କରେ ପାଦ ଦେଇ ପାଠ ପଢ଼ିବା ଯେତେବେଳେ ଆରମ୍ଭ ହୁଏ ବୁଢ଼ା ସାର୍‌ଙ୍କ ବିଧା ବସିଯାଏ ପିଠିରେ। ଆମଠାରେ କାନ୍ଦିବାର ସାହସ ନଥାଏ। କେବଳ ଗଁ, ଗଁା ହେବା ଛଡ଼ା। ଏହା ଯାତନାର ପରିପ୍ରକାଶର ଢଙ୍ଗ ମାତ୍ର, ହେଲେ ସୁରମା ଗାଲରେ ଗୋଟାଏ ଚଟକଣା ବସିଗଲେ ଦେଖାଯାଏ ତାର ପ୍ୟାଣ୍ଟ ଏବଂ ଚଟେଇ ଓଦା ହୋଇଯିବାର। ତା ଦୁଃଖରେ ସମବେଦନା ଜଣାଇବାର ଅଭିପ୍ସା ଥିଲେ ବି, କହିବାର ଶବ୍ଦ ଓଠରେ ଅନୁଚାରିତ ରହିଯାଏ କାରଣ ବେତଟା ମୋ ସମ୍ମୁଖରେ ସ୍ୱଦେହରେ ବିଦ୍ୟମାନ। ସୁରମା ଦେହରେ ମାଡ଼ ହେଲେ ମୋର ଆଖି ଦୁଇଟା ଝାଳେଇଯାଏ। କାରଣଟା ଅବୁଝା ନହେଲେ ବି ଏହାକୁ ଭଲ ପାଇବାର ଗୋଟାଏ ଲକ୍ଷଣ ବୋଲି କୁହାଯାଇପାରେ। ଶ୍ରେଣୀର ଭଙ୍ଗା ଝରକା ଫାଙ୍କରେ ନୀଳଆକାଶକୁ ଅନିଶା କରି କାନ୍ଦିବାଟାକୁ ଭୁଲିଯିବାର ଗୋଟାଏ ପ୍ରଚେଷ୍ଟା ବୋଲି କହିବା ବ୍ୟତୀତ ଅନ୍ୟ ପନ୍ଥା ନଥାଏ। ସମସ୍ତଙ୍କର ମୁଖଟା ମାନ ମାଡ଼ର କୋମଳ ସ୍ପର୍ଶରେ ଲାଲ୍ ପଡ଼ିଯାଇଥାଏ। ହେଲେ ସୁରମା ଚିବୁକଟା ଲାଲ୍ ଦେଖାଗଲେ, ଗୋଟାଏ ଅଫୁଟା ସଦ୍ୟ ଗୋଲାପର ରଂଗ ତା ଗାଲରେ ଲେସି ହୋଇଗଲା ପରି ଲାଗେ।

ସ୍କୁଲର ସବା ଶେଷ ପିରିୟଡ଼ଟି ଖେଳୁଛୁଟି ଥାଏ। ସମସ୍ତେ ଉତ୍କଣ୍ଠାର ସହିତ ଅପେକ୍ଷା କରିଥାନ୍ତି ଗୋବିନ୍ଦ ସ୍କୁଲ ଘଣ୍ଟା କେତେବେଳେ ବଜାଇବ? ଏକେ ତ ବିଧା ଚାପୁଡ଼ା ବା ବେତମାଡ଼ରୁ ନିଷ୍କୃତି ମିଳିବ। ଦ୍ୱିତୀୟତଃ ଖେଳ ଖେଳିବାର ଉପକ୍ରମଣିକା । ଶୀତଦିନର ସଂଜଟା ଟିକିଏ ନଇଁ ଆସିଲେ ସ୍କୁଲ ପାଖ ବିଲ ଗହଳରୁ ଧୂଆଁ ବାହାରେ, ଗାଁର ଚାଳମାନଙ୍କରୁ ବୋଉମାନେ ଚୁଲି ଲଗାଇବାର ସ୍ୱରୂପ ଧୂଆଁ ଗାଁଟାକୁ ଗିଳି ପକାଇବା ପରି ଲାଗେ। ବସ୍ତାନିଟାକୁ ବୋଉକୁ ଧରାଇ ଦେଇ, ମୁଢ଼ି ପକେଟ୍‌ରେ ପୁରା ନେଇ ପାର୍‌ ଖେଳିବା ପାଇଁ। ମୁଁ ଟିକିଏ ମୋଟା ହୋଇଥିବାରୁ ସୁରମାର ମା' ମୋତେ ନନ୍ଦ ବୋଲି ଡ଼ାକନ୍ତି। ମୋର ବୁଝିବାର ଏତିକି ହୁଏ ଯେ ନନ୍ଦମାନେ ଡ଼ଉଲ ଡ଼ାଉଲ ଗୋଟାଏ ଛୁଆ ଯେପରି ମୁଁ ତାର ପ୍ରତୀକ। ସମସ୍ତେ ଏକାଠି ଖେଳିବାର ଗୋଟାଏ ମାହୋଲ ସର୍ବଦା ସମସ୍ତଙ୍କ ପାଇଁ ଥାଏ।

ପିଲାର ମନଟା ଏତେ ଅନୁକରଣଶୀଳ ଯାହା ଅନ୍ତତଃ କଳ୍ପନା ବାହାରର କଥା ପରି ଲାଗେ। ଆଉ ସେଇ ସମୟରେ ତେଲ ଲୁଣର ସଂସାର କରିବା ପରି ଆମେ ଖେଳିବସୁ ବୋହୂବୋହୂକା ଖେଳ। ସୁରମା ବୋହୂ ଆଉ ମୁଁ ପୁଅ। ପୁଅ ଝିଅ ବି ଥାନ୍ତି। ବାପା ଯାଇ ଜଙ୍ଗଲରୁ କାଠ ଜାଳ ଏକାଠି କରିବା ଠାରୁ, ବିଲରେ ହଳ ବି ମିଛିମିଛିକା କରିବାକୁ ପଡ଼େ। ତା ପରେ ଷଢ଼େଇରେ ଚୁଲିରେ ରନ୍ଧାରନ୍ଧି ହୋଇ ଠା' ବାଢ଼ି ଖାଇବାର ପର୍ବ। ଆଉ ପୁଅ ଖାଇବାରୁ ଯାହା ବଳେ ତାକୁ ବୋହୂ ଖାଇଥାଏ। ବର୍ତ୍ତମାନର ଆଧୁନିକତା ଏ ପ୍ରକାର ଚଳଣୀର ଅନ୍ତ ଘଟାଇ ସାରିଲାଣି। ମାତ୍ର ସେ ଖାଇବାର ଉଦାହରଣ ଗୋଟାଏ ପାରସ୍ପାରିକ ନିବିଡ଼ ବନ୍ଧନର ସ୍ମାରକୀ ରୂପେ କାର୍ଯ୍ୟ କରେ ନାହିଁ କି ?

ବୟସଟା ସ୍ଥିର ହେବା ପାଇଁ ଅନେକ ଇଚ୍ଛା ମନରେ ଉଦ୍ରେକ ହୁଏ। ସେଇ ଶୈଶବର ନିଷ୍କଳଙ୍କ ଭାବନା ହେଲେ ସ୍ମାରକୀ ରୂପେ ମନେ ରହନ୍ତା। କିମ୍ବା ସେଇ ସ୍ନେହ ବା ଭଲ ପାଇବାର ମାତ୍ରା ଯଦି ମନରେ ରହନ୍ତା ଏ ଧରା ବୋଧହୁଏ ସ୍ୱର୍ଗରେ ପରିଣତ ହୋଇ ଯାଆନ୍ତା। ପ୍ରକାଶଥାଉକି ଆଜିର ନୂତନ ପିଢ଼ି ଆଉ ସେ ମିଳାପୀ ମନର କକ୍ଷ ମଧ୍ୟରେ ଆବଦ୍ଧ ହୋଇ ରହିପାରୁନାହିଁ। ପିତା ମାତାଙ୍କର ଚଳଣୀର ଷ୍ଟାଟସ୍ ପିଲାଙ୍କ ଉପରେ ଏତେ ମାତ୍ରାରେ ପ୍ରଭାବ ପକାଇ ଆସୁଛି ଯେ ମିତ୍ରତାର ସଜ୍ଞା ବଦଳିବାରେ ମଧ୍ୟ ସମୟ ଲାଗୁନାହିଁ। ହଁ, ଯେଉଁ ବୟସରେ ଅଣ୍ଟିରୁ ଭୁଜା ଛଡ଼େଇ ଖାଇବା କଥା, ନ ଖାଇଲେ ମୁହଁ ଫୁଲେଇ ରହିବା କଥା, ପଢ଼ିବା

ସମୟରେ ଆକଣ୍ଠ ପାଠ ପଢିବାର କଥା, ଖାଇବା ସମୟରେ ଯାହା ମିଳିଲା ତାହା ଖାଇବାର କଥା ଆଜି ସେ ଢଙ୍ଗ ବଦଳି ଯାଇଛି । ମାନସିକତାର ପରିବର୍ତ୍ତନ ହୋଇଛି । ବୋଉ ବାଢିଥିବା ପଖାଳର ବାସ୍ନା, ଆଳୁପୋଡ଼ା, ବାଇଗଣ ପୋଡ଼ା, ପିଆଜ କଟା, ଲଙ୍କା ଓ ଆମ୍ବୁଲର ସ୍ୱାଦ ଆଜିବି ମନେପଡ଼େ । ଭାବନା ସହିତ ତାଳଦେଇ ରସନା ମଧ୍ୟ ଓଦା ହୋଇଉଠେ ।

ଆମର ପୁରୁଣାକାଳିଆ ସେଇ ଜେଜେ ଅମଳର ଆଟୁଘର । ଉପରେ ଚାଳଛପର । ପାଖରେ ନଡ଼ିଆ ଗଛ ଦୁଇଟା ଚାଳକୁ ଲାଗି ଉଠିଛି । ତା' ପାଖରେ ଗୋଟାଏ ପୁରୁଣାକାଳିଆ ପିଜୁଳି ଗଛ । ମୋର ସାଙ୍ଗ ସୁରମା ସହିତ ପିଜୁଳିଗଛରେ ଚଢି ପିଜୁଳି ଖାଇବାର ଗୋଟାଏ ଏକଚାଟିଆ ଅଭ୍ୟାସ । ବୋଉର ଡାକ କାହା କାନରେ ଯେପରି ବାଜେ ନାହିଁ । ଆଉ ସେହି ଚାଉଳିଆ ଗଛର ଡାଳରେ ବସି ପାଚିଲା ତ ଦୂରର କଥା ଯାହା ମିଳିଲା ଗୋଟାଏ ଦୁଇଟା ଚାଉଳିଆ ଦାନ୍ତରେ ରେକେଟି ଖାଇଲେ ଯାଇ ଅଭ୍ୟାସର ଡ଼ାକରାର ସମାଧାନ ହୁଏ । ସେଇ ଡାଳରୁ ପାଠପଢ଼ାର ଢିଙ୍କିଶାଳଠାରୁ ଢେଙ୍କାନାଳ ଯାଏ ପଡିଯାଏ ।

ଦେଉଳିଆ ପାହାଡ଼ରୁ ଘଞ୍ଚ ଜଙ୍ଗଲିଆ ମଥାନରୁ ଯେତେବେଳେ ବହଳିଆ ଅନ୍ଧାରଟା ଆମ ଗାଆଁଟାକୁ ଗ୍ରାସ କରିବାକୁ ବସେ, ଯେତେବେଳେ ଡ଼ାହାଳିଆଣୀ ପାଖରେ ସଞ୍ଜବତୀ ଜାଳି ବୋଉ, ଖୁଡ଼ୀଏ ହୁଳହୁଳି ପକାନ୍ତି, ସେତେବେଳକୁ ହୁଏତ ଆମ୍ଭମାନଙ୍କର ଖେଳର ଯବନିକା ପଡ଼େ । ସବୁ ଝିଅପୁଅଙ୍କର ମୋ ଉପରେ ଶତ ପ୍ରତିଶତ ଭରସା ଯେ ମୋର କାମ କରିବାଟା ବରାଦ ମୁତାବକ ହୋଇଥାଏ । ଏଇ ମାସଟାରେ ଝିଅ ପିଲାଙ୍କର ଖୁଦୁରୁକୁଣୀ ଓଷା । ମୋ ଉପରେ ସୁରମାର ବରାଦ ଯେପରି କଇଁଫୁଲ ବହୁତ ପରିମାଣରେ ତୋଳା ଯାଇପାରିବ । ଠାକୁରାଣୀଙ୍କର ଦାଣ୍ଡଘରେ ଖୁଦୁରୁକୁଣୀ ମୂର୍ତ୍ତି ସଜା ହୋଇଥାଏ । ଫୁଲର ମାଳ ପାଦତଳ ଯାଏ ଲମ୍ବିଯାଏ । ଭୋଗବଢା ସରିଗଲା ପରେ ଓଷା ଗୀତ ବୋଲିବାକୁ ମୋତେ ହିଁ କୁହାଯାଏ । ଭଲ ଭୋଗ ଯଥା କାକୁଡ଼ି, ଖଇ, ନଡ଼ିଆ, ପିଜୁଳି ଖାଇବାକୁ ମିଳେ । ପିଲାମନ, ଗୀତପଢା ସହିତ ଭୋଗ ଖାଇବାରେ ଅଧିକ ଆଗ୍ରହ ଥାଏ । ଆମର ଆନନ୍ଦ କହିଲେ ନସରେ ।

ଆମ ଗାଆଁର ଗିରିଡ଼ବଣ ଜଙ୍ଗଲ ବି କଥା କହେ, ଟାଙ୍ଗୀ ଉପର ପଥର ଚାଙ୍ଗଡ଼ାବି କଥା କହେ, ଦୁଇ ସଉତୁଣିଆ ପୋଖରୀ ଆମକୁ ହାତଠାରି ଡ଼ାକେ ।

ବିଲ, ବଣ, ମାଟି ଝାଟି ସବୁର ଭାଷା ମଣିଷର ମନଟାକୁ ଟାଣିକରି ରଖେ । ସେ କଥାର ଭାଷା ନିଆରା ଯାହା ମନକୁ ଓ ପ୍ରାଣକୁ ଏକାଧାରରେ ଛୁଇଁଯାଏ । ସେଥିରେ ଥାଏ ସ୍ନେହ, ପ୍ରେମ ଓ ଅନୁକମ୍ପାର ଝଲକ । ସେଥିରେ ଥାଏ ମୃଦୁମନ୍ଦ ସୁରଭିର ମଳୟିତ ବାସନା, ସେଥିରେ ଥାଏ ରଂଗୀନ କୃଷ୍ଣଚୂଡ଼ାର ଲାଲିମାର ଛଟା । ଆଉ କେତେଟା ସଂଗଠିତ ମନର ଅବଦମିତ ଆଶା । ଶୈଶବଟା କାହିଁକି ଯେ ଘଟଣାବହୁଳ ହୋଇଯାଏ ଏବଂ ପ୍ରତ୍ୟେକ ଲୋକର ଜୀବନରେ ଗୋଟାଏ ଗୋଟାଏ ଛାପ ଛାଡ଼ିଯାଏ, ତାହା ବୟସର ଅଗ୍ରଗତି ପରେ ବେଳେବେଳେ ମନକୁ ଆସେ । ପର ଜୀବନର ଅନେକ ଦୃଶ୍ୟ ହୁଏତ ମଣିଷ ଭୁଲିଯାଇଥାଏ, ମାତ୍ର ଗୁରୁଜନମାନେ ଯେ କହନ୍ତି ଓଦା ମାଟି ପରି , ଶୈଶବରେ ଯେଉଁ ପ୍ରକାର ଛାଞ୍ଚର ବ୍ୟବହାର ହୁଏ, ମଣିଷ ସେପରି ଗଢ଼ିଉଠେ ଓ ସମାଜରେ ତାର ଜୀବନରେ ସେପରି ଏକ ମଣିଷ ହୋଇ ଠିଆ ହୁଏ । ତେଣୁ ମହାର୍ଘ ଏ ଶୈଶବର ଅବଦାନ ଗୋଟାଏ ନିୟମିତ ଜୀବନର ଗଠନରେ କୌଣସି ଦିଗରେ କମ୍ ନୁହେଁ ।

ଅଦ୍ୟାବଧି ସୁରମାକୁ ଦେଖିବାର ଇଚ୍ଛା ମନ ମଧ୍ୟରେ ବଳବତ୍ତର ଥିଲେ ବି, ସାକ୍ଷାତ ସମ୍ଭବପର ହୁଏ ନାହିଁ । କାରଣ ବୟସ ବଢ଼ିବା ସଂଗେ ସଂଗେ ସମସ୍ତଙ୍କର କିଛି ଦାୟିତ୍ୱ ସଂପାଦନ କରିବାର ଭାର ଜଗନ୍ନାଥ ସମସ୍ତଙ୍କୁ ଦେଇଛନ୍ତି । ଜୀବନକୁ ତିଳେ ତିଳେ ଅନୁଭବ କରିବାର ସମସ୍ତ ପାଥେୟ ସେ ଯଦି ଦେଇ ନଥାନ୍ତେ, ତେବେ ସିନା ମିଠା ଓ ପିତାର ସ୍ୱାଦ ବା ଦିନରାତିର ଫରକ ବାରି ହୁଅନ୍ତା ନାହିଁ। ଏକବିନା ଅନ୍ୟଟିର ଯେପରି ସ୍ଥିତି ନଥାଏ । ତଥାପି ଥରେ ସୁରମା ସହିତ ଦେଖାହୁଏ ଦଶହରା ସମୟରେ । ସେ ମୋତେ ଦେଖି ହସିପକାଏ ଆଉ ମୁଁ ବି। ସେ ବି ପିଲାଦିନର ଜୀବନର ସ୍ୱାଦ ବିଷୟରେ ବଖାଣି ବସେ। କି ନିରାମୟ, ଆନନ୍ଦର ଦିନଗୁଡ଼ାକ ବିତି ଯାଇଛି । ଦାୟିତ୍ୱ କିଛି ନାହିଁ । ମନ ଭିତରେ ଆନନ୍ଦର ଗୀତ ବୋଲି ସମୟଟାକୁ କାଟିବା ବ୍ୟତୀତ ଅନ୍ୟ କଣ ଥିଲା ବୋଲି ସୁରମା ମୋତେ ପ୍ରଶ୍ନ କରେ ।

ଏବେ ଜୀବନ ଯନ୍ତ୍ରଣାରେ ସେ ଜର୍ଜରିତ । ମୁଁ ବି ପୁରାପୁରି ଭାବରେ ସାଂସାରିକ ଜୀବ ହୋଇପାରିନାହିଁ । ମୋର ଗଢୁଥିବା ଯୋଜନାଗୁଡ଼ାକ ମଝିରୁ ଫସରଫାଟି ଯାଉଛି । ବେଳେବେଳେ ବେଶ୍ ଦୁଇପଦ ଶୁଣି ବି ହଜମ୍ କରିବାକୁ ପଡୁଛି । କିଛି ନାହିଁ । ଅଭ୍ୟାସରେ ପଡ଼ି ଗଲାଣି । ତେଣୁ ଏତେ ଖରାପ ଆଉ ଲାଗୁ

ନାହିଁ । ପ୍ରାପ୍ତ ବୟସରେ ମଧ୍ୟ ଆଜି ସେଇ ପିଲାବେଳର ଭାବନାଗୁଡ଼ାକ ବେଳେ ବେଳେ ମନକୁ ଉଦ୍‌ବେଳିତ କରେ । ସେତେବେଳର ଭଲପାଇବାର ସ୍ୱାଦ ଆଜି ବଦଳି ଯାଇଛି । ସ୍ୱଚ୍ଛ ସଲିଳା ସ୍ରୋତସ୍ୱିନୀ ଜାହ୍ନବୀର ଜଳ ଗୋଳିଆ ହେବା ପରି ପ୍ରେମର ପରିଭାଷା ବି ଗୋଳିଆ ହୋଇଯାଇଛି । ହେଲେ ଗଙ୍ଗା ଯେ ପବିତ୍ର । ଶୈଶବର ଶିଶୁ ମନର ପବିତ୍ରତା, ଗଙ୍ଗାର ପବିତ୍ରତା ପରି ଆଜି ବି ସ୍ୱଚ୍ଛ ।

ମନରେ ଓ ଦେହରେ ଆମେ ଅନେକ ଦୂରରେ ହେଲେ ବି ସ୍ମୃତି ଆମକୁ ପାଖରେ ରଖି ପାରିଛି । କୃଷ୍ଣଚୂଡ଼ାର ରଂଗ ଆଜି ବି ତାର ଲାଲିମାରେ ଅକ୍ଷୁର୍ଣ୍ଣ ରହିଛି ।

***